# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**07th May – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ଅପରେସନ୍ ସିନ୍ଦୂର ମାଧ୍ୟମରେ ଭାରତୀୟ ସେନା ଶୌର୍ଯ୍ୟ ଓ ବୀରତ୍ୱ ପ୍ରଦର୍ଶନ କରି ଇତିହାସ ସୃଷ୍ଟି କରିଛି; କହିଲେ ପ୍ରତିରକ୍ଷା ମନ୍ତ୍ରୀ

— ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ

- ଭୁବନେଶ୍ୱର ସମେତ ଦେଶର ୫ଟି ସ୍ଥାନରେ ଦକ୍ଷତା ବିକାଶ ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଲାଗି କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

- ସୁରକ୍ଷା ସମ୍ପର୍କିତ ସଚେତନା ସୃଷ୍ଟି ପାଇଁ ରାଜ୍ୟର ୧୨ଟି ସ୍ଥାନରେ ଅନୁଷ୍ଠିତ ହେଲା ମକଡ୍ରିଲ୍

ଏବଂ

- ରାଜ୍ୟରେ ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ସରକାର ପ୍ରତିଷ୍ଠା କରିବେ ୩ଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ

# ଅପରେସନ୍ ସିନ୍ଦୂର ରାଜନାଥ ସିଂହ

ଅପରେସନ୍ ସିନ୍ଦୂର ମାଧ୍ୟମରେ ଭାରତୀୟ ସଶସ୍ତ୍ର ସେନା ତା'ର ଶୌର୍ଯ୍ୟ ଓ ବୀରତ୍ୱର ପ୍ରଦର୍ଶନ କରି ଇତିହାସ ସୃଷ୍ଟି କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ନୂଆଦିଲ୍ଲୀଠାରେ ସୀମା ସଡକ ସଂଗଠନ-ବିଆରଓ ପକ୍ଷରୁ  ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସିଂହ କହିଛନ୍ତି, ଭାରତୀୟ ସେନା ଅତି ସତର୍କତାର ସହ ଯୋଜନାବଦ୍ଧ ଭାବେ ଏହି ଅଭିଯାନ ଚଳାଇଛି। ଫଳରେ ପାକିସ୍ତାନ ଓ ପାକିସ୍ତାନ ଅଧୀକୃତ କଶ୍ମୀର-ପିଓକେ ଅଂଚଳରେ ଥିବା ଆତଙ୍କବାଦୀ ଆଡ୍‌ଡାସ୍ଥଳକୁ ଧ୍ୱଂସ କରାଯାଇଛି। ଏହି ଅଭିଯାନବେଳେ କୌଣସି ନାଗରିକ ପ୍ରଭାବିତ ହୋଇନାହାନ୍ତି ବୋଲି ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି।

**-V/O-***(Rajnath Singh)*

'ଅପରେସନ ସିନ୍ଦୂର' ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ସୀମାନ୍ତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ, ପୁଲିସ୍ ମହାନିର୍ଦ୍ଦେଶକ ଏବଂ ମୁଖ୍ୟ ଶାସନ ସଚିବଙ୍କ ଏକ ଜରୁରୀ ବୈଠକ ଆଜି ଅନୁଷ୍ଠିତ ହୋଇଛି। ଆଭାସୀ ମାଧ୍ୟମରେ ହୋଇଥିବା ଏହି ବୈଠକରେ ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜୁରାଟ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ସିକ୍କିମ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଏବଂ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ  ପ୍ରମୁଖ ଉପସ୍ଥିତ  ରହି ଦେଶର ନିରାପତ୍ତା ସଂକ୍ରାନ୍ତ ଆଲୋଚନାରେ ଭାଗ ନେଇଛନ୍ତି।

ଅପରେସନ୍ ସିନ୍ଦୂର ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଏ ସମ୍ପର୍କରେ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ଏବଂ ଅସ୍ଥାୟୀ ସଦସ୍ୟମାନଙ୍କୁ ବୈଦେଶିକ ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ ଅବଗତ କରାଯାଇଛି।

ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍ଆଇଏ ପର୍ଯ୍ୟଟକ ତଥା ସାଧାରଣ ନାଗରିକଙ୍କୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ସମ୍ପର୍କିତ କୌଣସି ତଥ୍ୟ ଭିଡିଓ କିମ୍ବା ଫଟୋ ଥିଲେ ଜଣାଇବାକୁ ଅନୁରୋଧ କରିଛି। ଏଥିପାଇଁ ଏନ୍ଆଇଏ ପକ୍ଷରୁ ୨ଟି ନମ୍ବର ୯୬୫୪-୯୫୮୮-୧୬ ଏବଂ ୦୧୧୨-୪୩୬୮-୮୦୦ ଜାରି କରାଯାଇଛି।

ଭାରତୀୟ ସେନା ପକ୍ଷରୁ ଗତକାଲି ମଧ୍ୟରାତ୍ରୀରେ ଅପରେସନ ସିନ୍ଦୂର ଜରିଆରେ ପାକିସ୍ତାନ ଏବଂ ପିଓକେର ୯ଟି ଆତଙ୍କବାଦୀ ଆଡ୍ଡାସ୍ଥଳ ଉପରେ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଏଥିରେ ଅନେକ ଆତଙ୍କବାଦୀ ପ୍ରଶିକ୍ଷଣ ଶିବିର ଧ୍ୱଂସ ହୋଇଥିବା ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରି କହିଛନ୍ତି।

**-V/O-***(Bikram Misri)*

## ସିଭିଲ୍ ଡିଫେନ୍ସ-ମକ୍ ଡ୍ରିଲ୍

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ଆଜି ରାଜ୍ୟର ୧୨ଟି ସ୍ଥାନରେ ସୁରକ୍ଷା ସଂପର୍କିତ ମକ୍ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର, ବାଲେଶ୍ୱର, କୋରାପୁଟ, ଗୋପାଳପୁର, ହୀରାକୁଦ, ପାରାଦ୍ୱୀପ, ରାଉରକେଲା, ଭଦ୍ରକ,

ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ତାଳଚେରଠାରେ ବେସାମରିକ ସୁରକ୍ଷା ସମ୍ପର୍କିତ ମକ୍‌ଡ୍ରିଲ୍ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ଣ ୪ଟାରେ ମକ୍‌ଡ୍ରିଲ୍ ପାଇଁ ସାଇରନ୍ ବାଜିଥିଲା । ବିଶେଷକରି ଶତ୍ରୁପକ୍ଷ ବିମାନ ଆକ୍ରମଣ କଲେ ଗ୍ରହଣ କରାଯିବାକୁ ଥିବା ପ୍ରତିଷେଧମୂଳକ ବ୍ୟବସ୍ଥା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବା ଏହି ମକ୍‌ଡ୍ରିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରା ନିକଟ ଦୋସିଙ୍ଗା ଚନ୍ଦନୀପାଳଠାରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

**ଗଞ୍ଜାମ** ଜିଲ୍ଲାର ଗୋପାଳପୁର, ରଙ୍ଗେଇଲୁଣ୍ଡା, ଆର୍ଯ୍ୟପଲ୍ଲୀଠାରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ସାଇରନ୍ ବାଜିବା ସହିତ ବିପଦ ସମୟରେ ଜୀବନ ସୁରକ୍ଷିତ ରଖିବା ଉପରେ ଲୋକମାନଙ୍କୁ ସଚେତନ କରାଯାଇଥିଲା ।

**କେନ୍ଦ୍ରାପଡ଼ା** ଜିଲ୍ଲାର ୧୭ଟି ସ୍ଥାନରେ ହୋଇଥିବା ସୁରକ୍ଷା ମକ୍‌ଡ୍ରିଲ୍‌ରେ ଜନସାଧାରଣ, ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଛି ।

**ସମ୍ବଲପୁର**ର ବିଭିନ୍ନ ସ୍ଥାନରେ ପୁଲିସ୍, ଅଗ୍ନିଶମ କର୍ମଚାରୀ ସାଧାରଣ ଜନତାଙ୍କୁ ମକ୍‌ଡ୍ରିଲ୍ ସମ୍ପର୍କରେ ସଚେତନ କରାଇଛନ୍ତି ।

**କୋରାପୁଟ**ରେ ମଧ୍ୟ ସିଭିଲ୍ ଡିଫେନ୍ସ ମକ୍‌ଡ୍ରିଲ୍ ହୋଇଛି ।

**ଢେଙ୍କାନାଳ** ଟାଉନ୍‌ହଲ୍‌ଠାରୁ ବାଜିଚୌକ୍ ପର୍ଯ୍ୟନ୍ତ ନାଗରିକ ପ୍ରତିରକ୍ଷା ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି।

## କେନ୍ଦ୍ର କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ଜାତୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରତିଷ୍ଠାନର ଉନ୍ନତୀକରଣ ଯୋଜନା ଏବଂ ଦକ୍ଷତା ବୃଦ୍ଧି ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ ମଞ୍ଜୁରୀ ମିଳିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏହି ଯୋଜନା ପାଇଁ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ଦେଶର ୧ ହଜାର ସରକାରୀ ଆଇ.ଟି.ଆଇ.'ର ବିକାଶ କରାଯିବ। ଏହି ଯୋଜନାରେ ଭୁବନେଶ୍ୱର ସମେତ ୫ଟି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷାର ଉନ୍ନତି ତଥା ଭିତ୍ତିଭୂମିର ବିକାଶ ନେଇ ପଦକ୍ଷେପ ନିଆଯିବ। ଏଥିସହ ୫୦ ହଜାର ପ୍ରଶିକ୍ଷକଙ୍କୁ ପ୍ରାକ୍‌ସେବା ଓ ଚାକିରିକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯିବ। କ୍ୟାବିନେଟ୍‌ରେ ଦେଶର ୫ଟି ଆଇ.ଆଇ.ଟି'ର ଶୈକ୍ଷିକ ଓ ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ମଧ୍ୟ ୧୧ ହଜାର ୮୨୮ କୋଟି ୭୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

## କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଆୟୁଷ ଚିକିତ୍ସାଳୟ

ରାଜ୍ୟରେ ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ସରକାର ୩ଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଡକ୍ଟର ଅଭିନ୍ନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ୍ ଓ ହସ୍‌ପିଟାଲର ଛାତ୍ରସଂସଦର ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରଠାରେ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା ହେବ। ସରକାର ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ଏକ ନୂତନ ଜରୁରୀକାଳିନ କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି କଲେଜ୍‌ରେ ଏକ ହୋମିଓପାଥିକ୍ ଗବେଷଣା ଓ ବିଶ୍ଳେଷଣ ବିଭାଗ ଖୋଲାଯିବ ବୋଲି ଘୋଷଣା କରିଛନ୍ତି।

## ଲକ୍ଷପତି ଦିଦି

ଲକ୍ଷପତି ଦିଦି ପଦକ୍ଷେପ ଅଧୀନରେ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଉଦ୍ୟୋଗୀରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱରସ୍ଥିତ ଶ୍ରୀ ଅଟଳ ବିହାରୀ ବାଜପେୟୀ ଆନନ୍ଦବନ୍ ପରିସରରେ ସୁଭଦ୍ରା ଶକ୍ତି କାଫେର ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୧୬ ଲକ୍ଷରୁ ଅଧିକ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ଏହା ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। କାର୍ଯ୍ୟକ୍ରମରେ ମିଶନଶକ୍ତିର କମିଶନର ସାଳିନୀ ପଣ୍ଡିତ୍‌ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରବୀଣ ସୁଦ୍

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇର ନିର୍ଦ୍ଦେଶକ ପ୍ରବୀଣ ସୁଦ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଛି। ଆସନ୍ତା ୨୪ ତାରିଖରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା। ତେବେ ଆଉ ଗୋଟିଏ ବର୍ଷ ପାଇଁ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିବା ପାଇଁ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି ନିଷ୍ପତ୍ତି ନେଇଛି।

## ଓରମାସ୍

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି-ଓରମାସ୍‌ର ଉଦ୍ୟୋଗ ପ୍ରୋତ୍ସାହନ, ବଜାର ସଂଯୋଗ ଏବଂ କ୍ଷମତା ନିର୍ମାଣର ମିଶ୍ରଣ ମାଧ୍ୟମରେ ଜୀବିକାକୁ ସୁଦୃଢ଼ କରୁଛି ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ଓରମାସ୍‌ର ଦୁଇଦିନିଆ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ନାୟକ କହିଛନ୍ତି, ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ଓରମାସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଆଗାମୀ ଦିନରେ ସ୍ଥାନୀୟ ଉଦ୍ୟୋଗ ଓ ଉଦ୍ୟୋଗୀମାନଙ୍କୁ କେନ୍ଦ୍ରରେ ରଖି ଏହା କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଥିଲେ।

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ଦିନର ତାପମାତ୍ରା ହ୍ରାସ ପାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।